# Akashvani, Sambalpur

## SAMBALPURI NEWS BULLETIN

### 4 November 2024- 6.47- 6.52 am.

***********************************************

ମହତାବ୍ ସ୍ମୃତି ସଂଗ୍ରହାଳୟ ଆର୍ଏନ୍ୟୁ / ସମ୍ବଲପୁର

ବିଶିଷ୍ଟ ଜନନାୟକ ଉତ୍କଳ କେଶରୀ ଡକ୍ଟର୍ ହରେକୃଷ୍ଣ ମହତାବ୍ଙ୍କର୍ ଶହେ ୨୫ ନମ୍ବର୍ ଜନ୍ମ ବାର୍ଷିକୀ ବର୍ଷେତକ୍ ପାଲନ୍ କରାଯିବା । ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ତର୍ଫୁ ଡକ୍ଟର୍ ମହତାବ୍ଙ୍କର୍ ଜୟନ୍ତୀ ପାଲନ୍ ଲାଗି ଶୀର୍ଷ କମିଟିର୍ ଗଲାକାଏଲ୍ ହେଇଥିବା ବୈଠକ୍ଥି ଇ ନିଷ୍ପତି ନିଆଯାଇଛେ । ଇ ମାସର୍ ୨୧ ତାରିଖ୍ନୁ ୨୩ ତାରିଖ୍ତକ୍ ଭୁବ୍ନେଶ୍ୱର୍ ଠାନେ ଇ ଜୟନ୍ତୀ ମହାସମାରୋହଥି ପାଲନ୍ କରାଯିବା ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ବୈଠକ୍ଥି ଯୋଗ୍ ଦେଇକରି ଡକ୍ଟର୍ ମହତାବ୍ଙ୍କର୍ ଜୟନ୍ତୀକେ ଅତି ସୁନ୍ଦର୍ ଆର୍ ପ୍ରଭାବ୍ଶାଳୀ ଭାବେ ପାଲନ୍ କରାଯିବା ବଲି କହିଥିଲେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଉତ୍କଳ ବିଶ୍ୱବିଦ୍ୟାଳୟ ନ ମହତାବ୍ ସେଂଟର୍ ପ୍ରତିଷ୍ଠା ଲାଗି ପ୍ରସ୍ତାବ୍ ଦେଇଥିଲେ । ୨୦୩୬ ନ ଓଡ଼ିଶା

ଶହେ ବରସ୍ ପୂରଣ୍ କର୍‌ବାର୍‌କେ ଯାଉଛେ । ହେଥିର୍‌ଲାଗି ଆଏବା ୧୦ ବରସ୍ ଓଡ଼ିଆ ଜାତୀୟବାଦ୍‌ର ପ୍ରସାର୍ କର୍‌ବାର୍ ସୁଯୋଗ୍ ସୃଷ୍ଟି ହେଇଛେ ବଲି ସେ କହିଥିଲେ । ବୈଠକ୍‌ଥି କଟକ୍ ସାଂସଦ୍ ଭର୍ତୃହରି ମହତାବ୍, ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆଉ ଅଲ୍‌ଗା ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ୍ ଥିଲେ ।

ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ ଆର୍‌ଏନ୍‌ୟୁ / ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଦିଲ୍ଲୀ ଗସ୍ତ କର୍‌ବେ । ଇ ଗସ୍ତ ସମିଆଥି ମୁଖ୍ୟମନ୍ତ୍ରୀ କେନ୍ଦ୍ରୀୟ ହିନ୍ଦୀ ସମିତିର୍ ବୈଠକ୍‌ଥି ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ହେବାର୍‌କେ ଥିବା ଇ ବୈଠକ୍‌ଥି ହିନ୍ଦୀ ଭାଷାର୍ ପ୍ରଚାର୍ ପ୍ରସାର୍ ଲାଗି ବିଷଦ୍ ଆଲୋଚନା ହେବା । ମୁଖ୍ୟମନ୍ତ୍ରୀ ଆଏବା କାଏଲ୍ ଭୁବ୍‌ନେଶ୍ୱର୍ ଫିର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଜନଶୁଣାଣି କାର୍ଯ୍ୟକ୍ରମ୍ ବନ୍ଦ ସୂଚନା ଲୋକସମ୍ପର୍କ ବିଭାଗ୍

ଭୁବ୍‌ନେଶ୍ୱର୍ ଠାନେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ପ୍ରକୋଷ୍ଠ ନ ଆଏଜ୍ ଆଉ ଆଏବା ୧୧ ତାରିଖ୍ ସୋମ୍‌ବାର୍ ଜନଶୁଣାଣି କାର୍ଯ୍ୟକ୍ରମ୍ ବନ୍ଦ୍ ରହେବା । ପରବର୍ତ୍ତୀ ଅଭିଯୋଗ୍ ଶୁଣାଣିର୍ ତାରିଖ୍ ଲୋକ୍‌ମାନ୍‌କୁ ଗଣମାଧ୍ୟମ୍ ଜରିଏ ଜନେଇ ଦିଆଯିବା । ଇ ବାବ୍‌ଦେ ସାଧାରଣ ପ୍ରଶାସନ୍ ଆର୍ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚନା ଦିଆଯାଇଛେ ।

ଅଭୟ ଯୋଜ୍‌ନା ଆର୍‌ଏନ୍‌ୟୁ / ସମ୍ବଲପୁର

କେନ୍ଦ୍ର ସର୍‌କାର୍‌ଙ୍କର୍ ଅଟଲ୍ ବାୟୁ ଅଭ୍ୟୁଦୟ ଯୋଜ୍‌ନା - ଅଭୟଥି ବରିଷ୍ଠ ନାଗରିକମାନ୍‌କର୍ ସେବାର୍ ଲାଗି ସ୍ୱତନ୍ତ୍ର ତାଲିମ୍ ପାଇଥିବା ଯୁବକ ଯୁବତୀମାନ୍‌କୁ ସାମିଲ୍ କର୍‌ବାର୍‌କେ ରାଜ୍ୟ ସର୍‌କାର୍ ନିଷ୍ପତି ନେଇଛନ୍ । ଇମାନେ ବରିଷ୍ଠ ନାଗରିକ୍‌ମାନ୍‌କର୍ ଭଲ୍‌ମନ୍ଦ୍ ପଚ୍‌ରାବାର୍ ସହେତେ ରୋଗଗ୍ରସ୍ତ ମାନ୍‌କୁ ଆଶୁ ଚିକିତ୍ସା ଯୁଗେଇ ଦେବେ । ରାଜ୍ୟ ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ତର୍‌ପୁ ଇଥିର୍‌ଲାଗି 'ଅବଦାନ୍' ଯୋଜ୍‌ନା ଜରିଏ ଫି' ବଛର୍ ୪ ଶହ ଝନ୍‌କୁ ତାଲିମ୍ ଦିଆଯିବା । ନେସ୍‌ନାଲ୍ ଇନ୍‌ଷ୍ଟଚ୍ୟୁଟ୍ ଅଫ୍ ସୋସିଆଲ୍ ଡିଫେନ୍ସ

ଠାନେ ୩ ମାସିଆ ତାଲିମ୍ କାର୍ଯ୍ୟକ୍ରମ୍ କର୍‌ବାର୍ ଲାଗି କେନ୍ଦ୍ରକେ ପ୍ରସ୍ତାବ୍ ଦିଆଯାଇଥିବାର୍ ଜନାପଡ଼ିଛେ ।

ମେଘନାଦ ପାଚେରୀ ଆର୍‌ଏନ୍‌ୟୁ / ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍‌ଥ ମେଘନାଦ ପାଚେରୀର ମରାମତି କରାଯିବା ବଲି ଆଇନମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ପାଚେରୀ ନ ଥିବାର୍ ଫାଟ ଆର୍ କଣା ଦେଇକରି ପାନି ଗଲୁଥିବାର୍ ସମସ୍ୟାର୍ ପ୍ରତିକାର୍ କରାଯିବା ବଲି ଆଇନ୍‌ମନ୍ତ୍ରୀ କହିଛନ୍ । ଏଏସ୍‌ଆଇକେ ଇ ମରାମତି କର୍‌ବାର୍ ଲାଗି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ଆଗ୍‌ରୁ ଚିଠି ଲେଖାଯାଇଛେ । ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ଭିତରର୍ ଡ୍ରେନ୍‌ର ମରାମତି ଲାଗି ଭିଲ୍ ଟେଣ୍ଡର୍ ପ୍ରକ୍ରିୟା ମୁଲ୍ ହେଇଛେ ।

ଟୋଲ୍ ଆଦାୟ - ବେଙ୍କ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଗୁଟେ ନୁ ଅଏତ୍‌କା ଲେନ୍ ଥିବାର୍ ଜାତୀୟ ରାଜ୍‌ପଥ୍ ମାନ୍‌କେ ଯାଉଥିବା ଗାଡ଼ିମଟର୍‌ନୁ ଏତ୍‌କେ ବେଙ୍କ୍ ଜରିଏ ଟୋଲ୍ ସଂଗ୍ରହ କରାଯିବା । ଜାତୀୟ ରାଜମାର୍ଗ ପ୍ରାଧିକରଣ୍ ମଲ୍‌ଟି ଲେନ୍

ଫ୍ରିଫ୍ଲୋ ଟୋଲ୍ ସଂଗ୍ରହ ଲାଗି ଇ ନିଷ୍ପତି ନେଇଛେ । ଦିଲ୍ଲୀ ଗୁରୁଗ୍ରାମ୍ ସୀମା ନ ଥିବାର୍ ଦ୍ୱାରକା ଏକ୍ସପ୍ରେସ୍ ୱେ ନ ଇ ଯୋଜ୍ନା ପହେଲା ଲାଗୁ ହେବା । ନୂଆଁ ବ୍ୟବସ୍ଥାଥି ଧାରିଜ୍ ରାଜ୍ପଥ୍ ମାନ୍କେ ଟୋଲ୍ ପ୍ଲାଜା ନାଇଁ ରହେ । ଖାଲି ଫିଲ୍ଡ ଉପକରଣ୍ ଆର୍ ସେନ୍ସର୍ ରହେବା । କଂଟ୍ରାକ୍ଟ ପାଏବାର୍ ୩ ମାସ୍ ଭିତ୍ରେ ବେଙ୍କ୍ ମାନେ ଇ ସିଷ୍ଟମ୍ ଲାଗୁ କର୍ବେ । ଇ ଯୋଜ୍ନା ଲାଗୁ ହେଲେ ଟୋଲ୍ ପ୍ଲାଜାଥି ବିନା ଅଟ୍କିକରି ଯାତ୍ରା କରିହେବା ବଲି କୁହାଯାଇଛେ ।

କୃଷି ଯନ୍ତ୍ରପାତି ମେଳା ଆର୍ଏନ୍ୟୁ / ସମ୍ବଲପୁର

ରାଏଜେ କୃଷି ଯାନ୍ତ୍ରିକିକରଣ୍ ଜରିଏ ଚାଷୀମାନ୍କର୍ ଆୟ ବଢ଼ାବାର୍କେ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ହେବାର୍କେ ଯାଉଛେ । ସମ୍ବଲ୍ପୁର୍ ଜିଲ୍ଲାର୍ ରେଢ଼ାଖୋଲ ନ ଆଏଜ୍ ଆର୍ ଆଏବା ୬ ତାରିଖ୍ ଦିନ କଲାହାଣ୍ଡି ଜିଲ୍ଲାର୍ ଧରମ୍ଗଡ଼୍ ନ କୃଷି ଯନ୍ତ୍ରପାତି ମେଳା ହେବା । ସେନ୍ତା ଆଏବା ୧୨ ତାରିଖ୍ ଦିନ ଅନୁଗୁଲ୍ ଜିଲ୍ଲାର୍ ଆଠ୍ମଲ୍ଲିକ୍ ଆର୍ ବଲାଙ୍ଗିର୍ ଜିଲ୍ଲାର୍ ଟିଟିଲାଗଡ଼୍ ନ କୃଷି ଯନ୍ତ୍ରପାତି ମେଳା ହେବା । ଇ ମେଳାଥି ଭିନ୍ ଭିନ୍ କୃଷି ଯନ୍ତ୍ରପାତିର୍ ଲାଗି ସର୍କାରୀ ଆର୍ଥିକ୍

ସହାୟତା ବାବ୍‌ଦେ ଚାଷୀମାନ୍‌କୁ ସଚେତନ୍ କରାଯିବାର୍ ସଙ୍ଗେ ଋଣର ବ୍ୟବସ୍ଥା ଆଉ ତହାଲ୍ ବୁକିଂ ବ୍ୟବସ୍ଥା ଭିଲ୍ ରହେବା । ଇ ବାବ୍‌ଦେ ଅଏତ୍‌କା ସୂଚ୍‌ନାର୍ ଲାଗି କୃଷି ସମୃଦ୍ଧି ହେଲ୍ପଲାଇନ୍ ନମ୍ବର୍ ୧୫୫-୩୩୩ କେ ଯୋଗାଯୋଗ୍ କରାଯାଇପାର୍‌ବା ।

ଓଡ଼ିଶା ଭବନ୍ ନୂଆଦିଲ୍ଲୀ ଆର୍‌ଏନ୍‌ୟୁ /ସମ୍ବଲପୁର

ନୂଆଦିଲ୍ଲୀର୍ ନୀତି ମାର୍ଗ, ଚାଣକ୍ୟପୁରୀ ଠାନେ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ୪୦ କୋଟି ଟଙ୍କା ଖର୍ଚ୍ଚା କରାଯାଇକରି ନୂଆଁ ଓଡ଼ିଶା ଭବନ୍ କୋଠା ତିଆର୍ କରାଯିବା । ୨ ଟା ବେସ୍‌ମେଂଟ୍‌କେ ଛାଡ଼ିକରି ଇ କୋଠା ୭ ମହଲା ବିଶିଷ୍ଟ ହେବା । ୨୫ ହଜାର୍ ନୁ ଅଏତ୍‌କା ବର୍ଗଫୁଟ୍ ଜାଗା ନ ଥିବାର୍ ଆଘର୍ ଓଡ଼ିଶା ଭବନ୍ ଜାଗା ନ ନୂଆଁ ଭବନ୍ ତିଆର୍ କରାଯିବା । ଭିନ୍ ଭିନ୍ ଆଧୁନିକ୍ ସୁବିଧା ସହେତେ ପ୍ରସ୍ତାବିତ କୋଠା ନ ରାଜ୍ୟପାଲ୍, ମୁଖ୍ୟମନ୍ତ୍ରୀ ଆଉ ହାଇକୋର୍ଟର ମୁଖ୍ୟ ବିଚାର୍‌ପତିଙ୍କର୍ ଲାଗି ସ୍ୱତନ୍ତ୍ର ଲାଉଞ୍ଜ ରହେବା ।

ଭାରତ୍ - ଇଂଲଣ୍ଡ୍ ମେଚ୍- ବାରବାଟୀ ଆର୍‌ଏନ୍‌ୟୁ/ ସମ୍ବଲପୁର

କଟକ୍ ବାର୍ବାଟୀ ଷ୍ଟାଡ଼ିୟମ୍ ନ ଆଏବା ୯ ତାରିଖ୍ ଦିନ ଭାରତ୍ ଆର୍ ଇଂଲଣ୍ଡ୍ ଭିତ୍‌ରେ ହେବାର୍‌କେ ଥିବା ଦିନ୍‌କିଆ ଆନ୍ତର୍ଜାତିକ୍ କ୍ରିକେଟ୍ ମେଚ୍ ଲାଗି ଟିକଟ୍‌ର ମୂଲ୍ୟ ସବୁଠାନୁ କମ୍ ୮ ଶହ ଟଙ୍କା ଆର୍ ସବୁଠାନୁ ବେଶୀ ୨୦ ହଜାର୍ ଟଙ୍କା ରହିଛେ । ଷ୍ଟାଡ଼ିୟମ୍ ନ ୪୪ ହଜାର୍ ୫ ଶହ ୨୪ ଝନ୍ ଦର୍ଶକ୍‌ଙ୍କର୍ ବସ୍‌ବାର୍ ବ୍ୟବସ୍ଥା ରହିଥିବାର୍ ବେଲେ କେତେ ଟିକଟ୍ ବିକ୍ରି କରାଯିବା, ସେ ବାବ୍‌ଦେ ପଛେ ନିଷ୍ପତି ନିଆଯିବା ବଲି ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ତରଫୁ କୁହାଯାଇଛେ । ହେନ୍ତା ଅନ୍‌ଲାଇନ୍ ଆର୍ କାଉଂଟର୍ ନ କେତେ ଟିକଟ୍ ଉପଲବ୍ଧ ରହେବା ସ୍ୱଷ୍ଟ ନାଇଁ ହେଇ । ଇ ମେଚ୍ ଆୟୋଜନ୍ ଲାଗି ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର ଗୁଟେ ସାଧାରଣ୍ ବୈଠକ୍ ହେଇଯାଇଛେ । ଇତାର୍ ଆଗ୍‌ରୁ ୨୦୧୯ ଡିସେମ୍ବର୍ ୨୨ ତାରିଖ୍ ଦିନ ଶେଷ୍‌ଥରର୍ ଲାଗି ଭାରତ୍ ଆର୍ ୱେଷ୍ଟଇଣ୍ଡିଜ୍ ଭିତ୍‌ରେ ବାରବାଟୀ ନ ଦିନ୍‌କିଆ କ୍ରିକେଟ୍ ମେଚ୍ ଖେଲାଯାଇଥିଲା ।